THE SAMAJA
PUBLISHED
ON 13.11.05


ସାଧାରଣ ଲୋକଙ୍କ ପାଇଁ ଚିରକାଳ

# ସମାଜ
# The Samaja

ପ୍ରତିଷ୍ଠାତା - ଉତ୍କଳମଣି ଗୋପବନ୍ଧୁ ଦାସ
ଓଁ ଅସତୋ ମା ସଦ୍‌ଗମୟ

ଭାଗ-୭୭ ସଂଖ୍ୟା-୩୦୭ · କଟକ, ସମ୍ବଲପୁର, ବିଶାଖାପାଟଣା ଓ କଲକାତାରୁ ପ୍ରକାଶିତ · କଟକ, ରବିବାର, ନଭେମ୍ବର ୧୩ ତାରିଖ ୨୦୦୫
CUTTACK 13 November - 2005 · 87th YEAR OF PUBLICATION · (ରବିବାର ସଂଖ୍ୟା ସହ ୧୬ ପୃଷ୍ଠା)


# ସରକାର ନୀତି ବନାଞ୍ଚଳ ଧ୍ୱଂସ କରନ୍ତି

ଓଡ଼ିଶାର ଅନନ୍ୟ ଭୌଗୋଳିକ ସ୍ଥିତିରେ ଉପକୂଳର ଲୁଣା ଜଙ୍ଗଲଠାରୁ ପର୍ବତ ଶିଖର ଯାଏଁ ବ୍ୟାପିଥିବା ଭଳିକି ଭଳି ବୃକ୍ଷ ସମ୍ପଦ ଆଜି ଯେଉଁଭଳି ଦ୍ରୁତ ବେଗରେ ଅବକ୍ଷୟିତ ହେବାରେ ଲାଗିଛି, ତାହାକୁ ରୋକାଯିବା ଆଉ ସମ୍ଭବପର ନୁହେଁ ବୋଲି ସ୍ପଷ୍ଟ ଜଣାପଡ଼ିଗଲାଣି । ରାଜ୍ୟ ସରକାରଙ୍କ ଦ୍ୱାରା ଜଙ୍ଗଲ କ୍ଷେତ୍ର ସକାଶେ ବିଗତବର୍ଷ ଯେଉଁ ଲୋକାଭିମୁଖୀ ଭବିଷ୍ୟଦୃଷ୍ଟି ଦଲିଲ ପ୍ରସ୍ତୁତ କରାଯାଇଛି ସେଥିରୁ ଜଙ୍ଗଲକୁ ଅଣଜଙ୍ଗଲ କାର୍ଯ୍ୟରେ ହେଉଥିବା ବ୍ୟବହାରକୁ ନିରୁତ୍ସାହିତ କରିବା ପାଇଁ ସ୍ଥିର ହୋଇଛି ; ମାତ୍ର ସରକାର ଠିକ୍ ଏହାର ବିପରୀତ କାର୍ଯ୍ୟ କରୁଛନ୍ତି ବୋଲି ପରିବେଶବିତ୍ ବିଭୁଧେନ୍ଦ୍ର ପ୍ରତାପ ଦାଶ ଅଭିଯୋଗ କରିଛନ୍ତି । କାରଣ ରାଜ୍ୟ ସରକାର ଯେତିକି ପରିମାଣ ଘଞ୍ଚ ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପାଇଁ ହସ୍ତାନ୍ତର କରୁଛନ୍ତି, ଅନୁରୂପ ଏବଂ ତତୋଧିକ ଅଞ୍ଚଳରେ କ୍ଷତିପୂରକ ବନୀକରଣ ସକାଶେ ପଦକ୍ଷେପ ନେବା କଥା । ସେ କ୍ଷେତ୍ରରେ ଅହେତୁକ କାଳକ୍ଷେପଣ ନୀତି ଅବଲମ୍ବନ କରାଯାଉଛି । ଏହାଛଡ଼ା ଯେଉଁ ଅଞ୍ଚଳରେ କ୍ଷତିପୂରକ ବନୀକରଣ ଯୋଜନା କାର୍ଯ୍ୟକାରୀ କରାଯାଉଛି ତାହାର ସଫଳତା ବା ବିଫଳତା ସଂକ୍ରାନ୍ତରେ ବିଧିବଦ୍ଧ ଅନୁଧ୍ୟାନ ମଧ୍ୟ କରାଯାଉ ନାହିଁ । ଏଥିନେଇ ପରିବେଶବିତ୍‌ମାନେ ବିଶେଷ ଚିନ୍ତିତ ହେବା ସଂଗେ ସଂଗେ କେନ୍ଦ୍ରୀୟ କର୍ତ୍ତୃପକ୍ଷ ମଧ୍ୟ ଉଦ୍‌ବିଗ୍ନ ।

ଭାରତୀୟ ବନସର୍ବେକ୍ଷଣ ସଂସ୍ଥାର ସଦ୍ୟତମ ବିବରଣୀରୁ ଜଣାଯାଏ ଯେ ବର୍ତ୍ତମାନ ରାଜ୍ୟରେ ୪୮,୩୭୬ ବର୍ଗ କିଲୋମିଟର ଅଞ୍ଚଳ ଜଙ୍ଗଲରେ ଆଚ୍ଛାଦିତ ହୋଇରହିଛି । ଏହି ବିବରଣୀକୁ ସମୀକ୍ଷା କଲେ ଜଣାପଡ଼ିବ ଯେ ଚାରିବର୍ଷ ତଳେ ଏହାର ପରିମାଣ ୪୮,୮୩୮ ବର୍ଗ କିମି ଥିଲା । ତେଣୁ ଏହି ସମୟ ମଧ୍ୟରେ ଆମ ରାଜ୍ୟ ୪୬୨ ବର୍ଗ କିମି ବନାଞ୍ଚଳ ହରାଇ ସାରିଲାଣି । ଏହା ଅତ୍ୟନ୍ତ ଦ୍ରୁତବେଗରେ ହ୍ରାସ ପାଉଥିବା କେନ୍ଦ୍ର ସରକାରଙ୍କ ସ୍ତରରେ ସ୍ୱୀକାର କରାଯାଉଛି । କେବଳ ଓଡ଼ିଶା କାହିଁକି, ଅନ୍ୟାନ୍ୟ ରାଜ୍ୟମାନଙ୍କ ଦ୍ୱାରା ବନାଞ୍ଚଳର କ୍ଷତିପୂରଣ ପାଇଁ ନିଆଯାଉଥିବା ନିରାକରଣ ମୂଳକ ପଦକ୍ଷେପ ଆଦୌ ସନ୍ତୋଷଜନକ ନୁହେଁ ବୋଲି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିବା ସଂଗେ ସଂଗେ 'ପ୍ରଦୂଷଣକାରୀ କ୍ଷତିପୂର୍ତ୍ତି କରିବା' ନୀତିରେ ନୂତନଭାବରେ ବନାଞ୍ଚଳର ବର୍ତ୍ତମାନର ମୂଲ୍ୟ ଆକଳନ କରି ସେହି ଭିତ୍ତିରେ କ୍ଷତିପୂରଣ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏହି ହିସାବକୁ ଧରାଯାଏ ତେବେ ସମଗ୍ର ଦେଶର ବନାଞ୍ଚଳର ବର୍ତ୍ତମାନ ମୂଲ୍ୟ ୫୯ ଲକ୍ଷ ୨୦ ହଜାର ୧୯୦ କୋଟି ଟଙ୍କା ହେଉଥିବାବେଳେ, ଆମ ରାଜ୍ୟ ବନସମ୍ପଦର ମୂଲ୍ୟାୟନ ଚାରିଲକ୍ଷ ୩୬ ହଜାର ୯୪୦ କୋଟି ଟଙ୍କା ଆକଳନ ହୋଇଛି ।

୧୯୮୦ ମସିହାରେ ପ୍ରଣୟନ କରାଯାଇଥିବା ଅରଣ୍ୟ ସଂରକ୍ଷଣ ଆଇନ ବଳରେ ରାଜ୍ୟମାନଙ୍କରେ ବନାଞ୍ଚଳର କ୍ଷିପ୍ର ଅବକ୍ଷୟକୁ ରୋକିବା ପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ଲଗାଇବା ଅବ୍ୟବହିତ ପୂର୍ବରୁ କ୍ଷତିପୂରକ ବନୀକରଣ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ମଂଜୁର କରାଇବା ସଂଗେ ସଂଗେ ଏହାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରାଇବା ପାଇଁ ବ୍ୟବସ୍ଥା ରହିଛି । ତେବେ ରାଜ୍ୟରେ ଏହି ଯୋଜନା ଅତ୍ୟନ୍ତ ମନ୍ଥର ବେଗରେ ଚାଲୁଛି ବୋଲି କେନ୍ଦ୍ର ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଓମ୍‌ପ୍ରକାଶ ପାଣ୍ଡେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତାଙ୍କର କହିବା କଥା ଯେ ଯେଉଁ ପରିମାଣରେ ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟ ପାଇଁ ହସ୍ତାନ୍ତରିତ ହେଉଛି ତାହା ସହିତ ତାଳଦେଇ କ୍ଷତିପୂରକ ବନୀକରଣ ଯୋଜନା କାର୍ଯ୍ୟକାରୀ ହେବା ଆବଶ୍ୟକ, ଯାହା କି ଏଠାରେ ହେଉନାହିଁ ।

ସରକାରୀ ହିସାବରୁ ଜଣାଯାଏ ଯେ ବିଗତ ପଚିଶବର୍ଷ ମଧ୍ୟରେ ଆମ ରାଜ୍ୟରେ ୩୧,୫୩୭ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇଛି । ସେଥିମଧ୍ୟରୁ ସର୍ବାଧିକ ୧୦,୪୧୭ ହେକ୍ଟର ଅଞ୍ଚଳ ଖଣି ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି । ଯେଉଁ ବନାଞ୍ଚଳ ଖଣି ମାଲିକମାନଙ୍କ ହାତକୁ ଚାଲିଯାଉଛି ତାହାର ଭରଣା ପାଇଁ କ୍ଷତିପୂରକ ବନୀକରଣ ଯୋଜନାକୁ କାର୍ଯ୍ୟକାରୀ କରିବା ସକାଶେ ସରକାର ଆଗ୍ରହୀ ନୁହଁନ୍ତି ବୋଲି ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଅଭିଯୋଗ କରିଛନ୍ତି । ଉଦାହରଣ ଦେଇ ସୁଶ୍ରୀ ମୁଣ୍ଡା କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାର ଜାଣିଆଠାରେ ଦଶବର୍ଷ ତଳେ ଆରମ୍ଭ କରାଯାଇଥିବା ଲୁହାପଥର ଓ ଡୋଲୋମାଇଟ ଖଣି ଯୋଗୁଁ ୧୧୩ ହେକ୍ଟର ଜଙ୍ଗଲ ଜମିକୁ ସରକାର ଉଜାଡ଼ି ଦେଲେ । ଏହି ଅଞ୍ଚଳ ମଧ୍ୟରେ ୩୦ ହେକ୍ଟର ଘଞ୍ଚ ଜଙ୍ଗଲ ଓ ୮୩ ହେକ୍ଟର ସାଧାରଣ ଜଙ୍ଗଲ ଥିଲା । ବର୍ତ୍ତମାନ ସୁଦ୍ଧା ବନାଞ୍ଚଳରୁ ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ବହୁମୂଲ୍ୟ ଓ ବିଶାଳକାୟ ଶାଳ, ଶାଗୁଆନ, ଶିଶୁ ଓ ଅନ୍ୟାନ୍ୟ ବୃକ୍ଷ କଟା ସରିଲାଣି; କିନ୍ତୁ କ୍ଷତିପୂରକ ବନୀକରଣ ଯୋଜନାରେ ରାଜ୍ୟ ସରକାର ଗୋଟିଏ ବି ଗଛ ଲଗାଇ ନାହାନ୍ତି ବୋଲି କେନ୍ଦୁଝର ବନଖଣ୍ଡ ଦପ୍ତର ସୂତ୍ରରୁ ଜଣାପଡ଼ିଛି ।

କେବଳ ଜାଣିଆ କାହିଁକି କେନ୍ଦୁଝର, ସୁନ୍ଦରଗଡ, ଅନୁଗୁଳ ଓ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଖଣିଜ ସାମଗ୍ରୀ ଉତ୍ତୋଳନ ପାଇଁ ଯେଉଁ ବନାଞ୍ଚଳ ହସ୍ତାନ୍ତରିତ କରାଯାଉଛି ତାହାର ଭରଣା ସକାଶେ କ୍ଷତିପୂରକ ବନୀକରଣ ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସରକାର ଦାୟିତ୍ୱହୀନତା ଓ ଅପାରଗତାର ଚରମସୀମାକୁ ଟପି ଯାଇଛନ୍ତି ବୋଲି ପରିବେଶବିତ୍ ଶ୍ରୀ ଦାଶ ଅଭିଯୋଗ କରିଛନ୍ତି । ତାଙ୍କର ଅଭିଯୋଗକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିବରଣୀ ପ୍ରତିପାଦିତ କରୁଛି । ବର୍ତ୍ତମାନ ସୁଦ୍ଧା କ୍ଷତିପୂରକ ବନୀକରଣ ଯୋଜନାରେ ୩୮,୧୧୬.୮୭ ହେକ୍ଟର ଜମି ମଧ୍ୟରୁ ଜଙ୍ଗଲ ଜମିରେ ୧୧,୪୭୭.୧୫ ହେକ୍ଟର ଓ ଅଣଜଙ୍ଗଲ ଜମିରେ ୨୨,୭୩୯.୭୨ ହେକ୍ଟରରେ ବୃକ୍ଷରୋପଣ ହେବାକଥା; କିନ୍ତୁ ଗତ ୨୫ ବର୍ଷ ମଧ୍ୟରେ ମୋଟ ୨୧,୪୪୮.୩୪ ହେକ୍ଟର ଜମିରେ

**ଜୈବ ବିବିଧତାରେ ପରିପୂର୍ଣ୍ଣ ଓଡିଶାର ସମୃଦ୍ଧ ଓ ଘଞ୍ଚଜଙ୍ଗଲର ଅସ୍ତିତ୍ୱ ରହିବ କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଜଙ୍ଗଲକୁ ଅଣଜଙ୍ଗଲ କାର୍ଯ୍ୟ ବିଶେଷତଃ ଖଣିଜ ଉତ୍ତୋଳନ, ଶିଳ୍ପ ବିକାଶ ତଥା ଅନ୍ୟାନ୍ୟ ଉନ୍ନୟନମୂଳକ ପ୍ରକଳ୍ପ ପ୍ରତିଷ୍ଠା ଆଳରେ ରାଜ୍ୟ ସରକାର ଯେଭଳି ଆଖିବୁଜାଭାବରେ ଏହାକୁ ହସ୍ତାନ୍ତରିତ କରୁଛନ୍ତି, ସେଥିଯୋଗୁଁ ହେଉଥିବା କ୍ଷତିର ଭରଣା ପାଇଁ ନିରାକରଣ ମୂଳକ ପଦକ୍ଷେପ ସ୍ୱରୂପ କ୍ଷତିପୂରକ ବନୀକରଣ ଯୋଜନାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଅନୁରୂପ ଆନ୍ତରିକତା ଦେଖାଉ ନାହାନ୍ତି । ଯାହାଫଳରେ କି ପର୍ଯ୍ୟାୟକ୍ରମେ ରାଜ୍ୟର ପ୍ରାୟ ଚାରିଲକ୍ଷ ୩୭ ହଜାର କୋଟି ଟଙ୍କାର ବନ ସମ୍ପଦ ଭୁଲୁଣ୍ଠିତ ହେବାରେ ଲାଗିଛି ।**

ବନୀକରଣ କରାଯାଇଛି । ମାତ୍ର ଶତକଡା ୩୮ କ୍ଷତିପୂର୍ତ୍ତି ବନୀକରଣର ଫଳରେ ନୈରାଶ୍ୟଜନକ ଅବସ୍ଥା ସୃଷ୍ଟି ହୋଇଛି ବୋଲି ଶ୍ରୀ ପାଣ୍ଡେ ଉଦ୍‌ବେଗ ପ୍ରକାଶ କରିଛନ୍ତି ।

କ୍ଷତିପୂରକ ବନୀକରଣ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଗତ ପଚିଶବର୍ଷ ମଧ୍ୟରେ ରାଜ୍ୟ ସରକାର ବିଭିନ୍ନ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାମାନଙ୍କଠାରୁ ୭୩ କୋଟି ଛଅଲକ୍ଷ ଟଙ୍କା ପାଇଛନ୍ତି । ସେଥିମଧ୍ୟରୁ ୧୯କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି । ଅବଶିଷ୍ଟ ୪୩ କୋଟି ୭୫ ଲକ୍ଷ ଟଙ୍କା ସରକାରୀ ତହବିଲରେ ପଡ଼ିରହିଛି । ତେଣୁ ଏହି ଯୋଜନାରେ ୧୭,୭୭୮ ହେକ୍ଟର ଜମିରେ ଗଛ ଲଗାଇବା କାମ ହୋଇପାରିନାହିଁ । ଅଥଚ ରାଜ୍ୟ ସରକାର ଜଙ୍ଗଲ ଜମି ଖଣିମାଲିକମାନଙ୍କୁ ହସ୍ତାନ୍ତରିତ କରିବା ପାଇଁ ଯେଭଳି ଦ୍ରୁତ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ବିସ୍ମୟ ସୃଷ୍ଟି କରିଛି ବୋଲି ଲୋକଶକ୍ତି ଅଭିଯାନର ମୁଖ୍ୟ ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି । ହିସାବ ଅନୁଯାୟୀ ବର୍ଷକ ମଧ୍ୟରେ ରାଜ୍ୟ ସରକାର ୨୭୩୭ ହେକ୍ଟର ଜଙ୍ଗଲ ଜମି ଅଣଜଙ୍ଗଲ କାର୍ଯ୍ୟ ପାଇଁ ହସ୍ତାନ୍ତର କରିଛନ୍ତି । ଏହା ସଂଗକୁ ବେଦାନ୍ତ ଆଲୁମିନା କମ୍ପାନୀକୁ ନିୟମଗିରି ପର୍ବତମାଳାର ୭୭୭ ହେକ୍ଟର ଘଞ୍ଚ ଜଙ୍ଗଲ ଜମି ଓ ଦକ୍ଷିଣକୋରିଆର ପୋହାଙ୍ଗ ଇସ୍ପାତ କମ୍ପାନୀ (ପୋସ୍କୋ)କୁ ୮୪୫ ଏକର ବନାଞ୍ଚଳ ଦେଇଦେବା ଲାଗି ଯେଭଳି ଆଗଭର ହୋଇଛନ୍ତି ଅନୁରୂପ ଆଗ୍ରହ ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ଦେଖାଉନାହାନ୍ତି ବୋଲି ଶ୍ରୀ ସାମନ୍ତରା ଅଭିଯୋଗ କରିଛନ୍ତି ।

କେନ୍ଦ୍ର ସରକାର କ୍ଷତିପୂରକ ବନୀକରଣ ଯୋଜନା କାର୍ଯ୍ୟକାରୀ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉପରେ ଦୋଷାରୋପ କରୁଥିବାବେଳେ, ପ୍ରକୃତପକ୍ଷେ ଏହି ଯୋଜନାର ରୂପରେଖ ଯେଭଳି ପ୍ରସ୍ତୁତ କରାଯାଇଛି ତାହାଦ୍ୱାରା ଜଙ୍ଗଲ ସୃଷ୍ଟି କରି ତାକୁ ବଞ୍ଚାଇ ରଖିବା ସମ୍ଭବପର ହେଉନାହିଁ ବୋଲି ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ଅଭିଯୋଗ କରୁଛନ୍ତି । ସେମାନଙ୍କର କହିବା କଥା ଯେ ପ୍ରଚଳିତ ଯୋଜନାରେ ଯଦିଓ ବନୀକରଣ ନିମନ୍ତେ ଛଅବର୍ଷିଆ ମିଆଦ ରଖାଯାଇଛି ମାତ୍ର ତିନିବର୍ଷ ପାଇଁ କ୍ଷତିପୂରକ ବନୀକରଣର ପ୍ରକଳ୍ପକୁ ଚଳାଇବା ସକାଶେ ଅର୍ଥର ବ୍ୟବସ୍ଥା ରହୁଛି । ତେଣୁ ଯୋଜନା ହେଉଛି ଛଅବର୍ଷ ପାଇଁ ହେଲେ ପଇସା ମିଳୁଛି ତିନିବର୍ଷର । ଯେହେତୁ ଜଙ୍ଗଲକୁ ନେଇ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରୁଥିବା ସଂସ୍ଥାମାନେ ଏହି ବନୀକରଣର ସମସ୍ତ ବ୍ୟୟଭାର ବହନ କରୁଛନ୍ତି, ତେଣୁ ସେମାନଙ୍କ ନିକଟରୁ ପୂର୍ଣ୍ଣ ଅବଧି ସକାଶେ ଆବଶ୍ୟକ ପଡୁଥିବା ଅର୍ଥ ଅଣାଯିବା ଉଚିତ । ଏହା ନହେବାଦ୍ୱାରା କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଯାଉଛି ବୋଲି ସେମାନେ ସ୍ୱୀକାର କରୁଛନ୍ତି ।

କ୍ଷତିପୂରକ ବନୀକରଣ ଯୋଜନାର ସଂପୂର୍ଣ୍ଣ ସଫଳତା ନିମନ୍ତେ ଏହାର ମିଆଦକୁ ଦଶବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଲାଗି କ୍ଷେତ୍ର କର୍ମଚାରୀମାନେ ଯୁକ୍ତି ଉପସ୍ଥାପନ କରିଛନ୍ତି । ସେମାନଙ୍କର କହିବା କଥା ଯେହେତୁ ତିନିବର୍ଷ ପାଇଁ ଅର୍ଥ ମିଳୁଛି ଏହି ସମୟ ମଧ୍ୟରେ ବନୀକରଣକୁ କାର୍ଯ୍ୟକାରୀ କରିବାରେ ଅସୁବିଧା ରହୁନାହିଁ । ତେବେ ଏହି ଯୋଜନାର କାର୍ଯ୍ୟକାରିତା ସଂକ୍ରାନ୍ତରେ ସମୀକ୍ଷାମୂଳକ ଦୃଷ୍ଟି ରଖୁଥିବା ବିଶେଷଜ୍ଞମାନେ କହୁଛନ୍ତି ଯେ ବୃକ୍ଷରୋପଣର ଚତୁର୍ଥବର୍ଷଠାରୁ ଯଦିଓ ଏହା ଆଖପାଖ ଗ୍ରାମବାସୀମାନଙ୍କ ଦ୍ୱାରା ଗଢାଯାଇଥିବା ବନ ସୁରକ୍ଷା ସମିତି ହେପାଜତରେ ଛାଡି ଦିଆଯାଉଛି; କିନ୍ତୁ ଅନେକ କ୍ଷେତ୍ରରେ ଏହି ବନାଞ୍ଚଳ ଗୃହପାଳିତପଶୁମାନଙ୍କ ଚରାଭୂଇଁରେ ପରିଣତ ହୋଇଯାଉଛି । ଯାହାଫଳରେ କି ବିପୁଳ ଅର୍ଥ ବ୍ୟୟରେ ପ୍ରତିଷ୍ଠିତ କରାଯାଇଥିବା ବନାଞ୍ଚଳର ଚିହ୍ନବର୍ଣ୍ଣ ରହୁନାହିଁ ।

କେନ୍ଦୁଝରର ବାଂଶପାଳ ବ୍ଲକ ଅଧୀନରେ ରାଇଡିହା, ନିପୋ ଓ କଦଳିବାଡିରେ କାର୍ଯ୍ୟକାରୀ କରାଯାଇଥିବା ଏହି ବନୀକରଣ ଯୋଜନାର ଦୁର୍ବଳତା ଦେଖିଲେ ହିଁ ଜାଣିହେବ ବୋଲି ପରିବେଶବିତ୍ ଦୁଷ୍କର ବାରିକ କହିଛନ୍ତି । ସେ କହିଛନ୍ତି ଯେ ଘଞ୍ଚଜଙ୍ଗଲକୁ ଖଣି ମାଲିକଙ୍କୁ ହସ୍ତାନ୍ତରିତ କରାଯାଇ ତାହାର କ୍ଷତିଭରଣା ପାଇଁ ଯେଭଳି ୟୁକାଲିପଟାସ ଅରଣ୍ୟ ସୃଷ୍ଟି କରାଯାଉଛି ସେଥିରେ କୋଇଲିର କୁହୁତାନ ଶୁଣାଯିବା ତ ଦୂରର କଥା, ବଣିଟିଏ ମଧ୍ୟ ଦେଖିବାକୁ ମିଳୁନାହିଁ । କେବଳ କେନ୍ଦୁଝର କାହିଁକି, ସୁନ୍ଦରଗଡ, ମୟୂରଭଂଜ ଓ ଅନୁଗୁଳ ଭଳି ଜିଲାରେ କାର୍ଯ୍ୟକାରୀ ହୋଇଥିବା କ୍ଷତିପୂରକ ବନୀକରଣର କାର୍ଯ୍ୟକାରିତା ଘେନି ସନ୍ଦେହ ସୃଷ୍ଟି ହେଉଛି । ପରିବେଶବିତ୍ ଶ୍ରୀ ଦାଶ କହିଛନ୍ତି ଯେ ବନାଞ୍ଚଳକୁ ଜଗିବା ପାଇଁ ବନସୁରକ୍ଷା ସମିତିର ଆଗ୍ରହ ନଥିବା ଯୋଗୁଁ ଚାରିବର୍ଷ ତଳେ ଜିଲାର କୁଏଓ ଗ୍ରାମ ନିକଟସ୍ଥ ପାହାଡ ଉପରେ ଲଗାଯାଇଥିବା ପ୍ରାୟ ୨୫ ହଜାର ଗଛ ବର୍ତ୍ତମାନ ଗାଈ ଓ ଛେଳିଙ୍କ ପାଇଁ ସୁଖାଦ୍ୟ ହୋଇଛି ।

ତେଣୁ ଏଥିରୁ ସ୍ପଷ୍ଟ ହୋଇଯାଉଛି ଯେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଥିବା କ୍ଷତିପୂରକ ବନୀକରଣ ଯୋଜନା ବସ୍ତୁତଃ ଦିଗହରା ହୋଇପଡିଛି । ବ୍ୟବହାରକାରୀ ସଂସ୍ଥାମାନଙ୍କରୁ ମିଳୁଥିବା ଅର୍ଥ ଠିକଣା ସମୟରେ ବିନିଯୋଗ ହେଉନାହିଁ ଏବଂ ଯାହା ମଧ୍ୟ ବିନିଯୋଗ ହୋଇ ବନାଞ୍ଚଳ ସୃଷ୍ଟି ହେଉଛି ତାହାର ସୁରକ୍ଷା ନେଇ ସମସ୍ତେ ସନ୍ଦିହାନ । ଏଭଳି ପରିସ୍ଥିତିରେ କ୍ଷତିପୂରକ ବନୀକରଣ ଯୋଜନାରେ ଆମୂଳଚୂଳ ପରିବର୍ତ୍ତନ ହେବା ଆବଶ୍ୟକ ବୋଲି ପରିବେଶବିତ୍, ବିଶେଷଜ୍ଞ ଓ ବନ ପ୍ରଶାସକମାନେ ମତ ପ୍ରକାଶ କରୁଛନ୍ତି । ତେବେ ଇତିମଧ୍ୟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅର୍ଥର ସମୟବଦ୍ଧ ବିନିଯୋଗ ନିମନ୍ତେ ସ୍ୱତନ୍ତ୍ର କେନ୍ଦ୍ରୀୟ ପାଣ୍ଠିର ପରିକଳ୍ପନାକୁ କାର୍ଯ୍ୟକାରୀ କରାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି, ଯାହାକି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି; କିନ୍ତୁ ଏହି ବ୍ୟବସ୍ଥାରେ ରହିଥିବା ଦୋଷତ୍ରୁଟିର ବିଧିବଦ୍ଧ ସମୀକ୍ଷା କରାଯାଇ ଏହାର ନିରାକରଣମୂଳକ ପଦକ୍ଷେପ ଗ୍ରହଣ କରାନଗଲେ ଏହି ଜାତୀୟ ବନୀକରଣର ସୁଫଳ ଲୋକଙ୍କୁ ମିଳିବା ନେଇ ଘୋର ସନ୍ଦେହ ଉପୁଜିଲାଣି ।

ବ୍ରଜ କିଶୋର ମିଶ୍ର

*ସୌଜନ୍ୟ: ସିଏସଇ ମିଡିଆ ଫେଲୋସିପ୍*